## ବ୍ଲକସ୍ତରୀୟ ମାଲ୍ୟବନ୍ତ ପ୍ରସ୍ତୁତି

ଚିତ୍ରକୋଣ୍ଡା,(ଡି.ଏନ.ଏ.)-ଆସନ୍ତା ୧୧ ତାରିଖରେ ମାଲକାନଗିରି ଜିଲା ଚିତ୍ରକୋଣ୍ଡାରେ ବ୍ଲକସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ହେବ। ଏଥିପାଇଁ ଚିତ୍ରକୋଣ୍ଡା ବ୍ଲକରେ ବିଡ଼ିଓ ରଘୁନାଥ ମୁଣ୍ଡାରୀ ଏବଂ ଅଧକ୍ଷା ରାଜେଶ୍ୱରୀ ଖିଲଙ୍କ ନେତୃତ୍ୱରେ ସମସ୍ତ ପ୍ରସ୍ତୁତି ଚାଲିଛି। ଏନେଇ ସୋମବାର ବ୍ଲକ ସଭାଗୃହରେ ମାଲ୍ୟାବନ୍ତ ମହୋତ୍ସବ ପାଇଁ ଏକ ବ୍ୟାଜ୍ ଉନ୍ମୋଚନ କରାଯାଇଛି। ଜିପିଓ ହେମନ୍ତ ଭୂୟାଁ, ସମତି ସଭ୍ୟ ରାଜକମଲ ପୁରୋହିତ, ସିପି ସୁଧା ମଣ୍ଡଳ, ସରପଞ୍ଚ କମଳୁ ହନ୍ତାଳ, ରଘୁନାଥ ବେହେରାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ବିଡିଓଙ୍କୁ ଆଶ୍ୱସ୍ତି, ଗୁଣପୁର କୋର୍ଟରେ ୱାନ୍‌ସିସି ଖାରଜ

**ଉପର କୋର୍ଟରେ ଅପିଲ କରିବେ ଅଭିଯୋଗକାରିଣୀ**

ଗୁଣପୁର,୯।୧(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ବିଡିଓ ଶାନ୍ତିପ୍ରଭା ପ୍ରଧାନଙ୍କୁ ଆଶ୍ୱସ୍ତି ମିଳିଛି। ତାଙ୍କ ନାମରେ ହୋଇଥିବା ୱାନ୍‌ସିସିକୁ ଏସ୍‌ଡିଜେଏମ୍ ଖାରଜ କରି ଦେଇଛନ୍ତି। ହେଲେ ଅଭିଯୋଗକାରିଣୀ ଗୁଣପୁର ଏସଡିଜେଏମଙ୍କ ରାୟ ବିରୋଧରେ ଉପର କୋର୍ଟର ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି।

ବିଡିଓଙ୍କ ନାମରେ ସ୍ଥାନୀୟ ଏସ୍‌ଡିଜେଏମଙ୍କ କୋର୍ଟରେ ହୋଇଥିବା ୱାନ୍‌ସିସି ଉପରେ କଗ୍ନିଜାନ୍ସ ଉପରେ ରାୟ ତଥା ଆଦେଶ ସୋମବାର ପ୍ରକାଶ ପାଇବାର ଥିଲା। ହେଲେ ଏସ୍‌ଡିଜେଏମ୍ ଶାନ୍ତଶ୍ରୀ ମହାନ୍ତି ଏହାକୁ ଖାରଜ କରିଦେଇଛନ୍ତି। ଉପରିସ୍ଥ ଅଧିକାରୀଙ୍କ ଠାରୁ ମଞ୍ଜୁରି ନ ଥାଇ ବ୍ଲକ ଅଧକ୍ଷା ଝିଲି ଶବର ମାମଲା ରୁଜୁ କରିଥିବାରୁ ବିଡିଓଙ୍କ ନାମରେ ହୋଇଥିବା ୱାନ୍‌ସିସି ମାମଲାକୁ ଖାରଜ କରିଛନ୍ତି। ଏହାକୁ ନେଇ ଅଭିଯୋଗକାରିଣୀ ରାୟ ତଥା ଆଦେଶ ବିରୋଧରେ ଉପର କୋର୍ଟର ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ବ୍ଲକ ଅଧକ୍ଷା ଝିଲି ଶବର ଡିସେମ୍ବର୨ରେ ବିଡିଓଙ୍କ ନାମରେ ୱାନ୍‌ସିସି ମାମଲା ରୁଜୁ କରିଥିଲେ। ଏହି ମାମଲାରେ ଡିସେମ୍ବର ୯ରେ କୋର୍ଟ ପକ୍ଷରୁ ସାକ୍ଷ୍ୟ ଗ୍ରହଣ ପାଇଁ ଦିନଧାର୍ଯ୍ୟ ହୋଇଥିଲା। ଉକ୍ତଦିନ ବ୍ଲକ ଅଧକ୍ଷା ଏସ୍‌ଡିଜେଏମ୍ ଶାନ୍ତଶ୍ରୀ ମହାନ୍ତିଙ୍କ ନିକଟରେ ହାଜର ହୋଇ ମାମଲା ଉପରେ ନିଜ ବୟାନ ରଖିଥିଲେ। ଅଭିଯୋଗ ପ୍ରକାରେ ଏସଡିଜେଏମ୍ ଝିଲି ଶବରଙ୍କ ବୟାନ ରେକର୍ଡ କରିଥିଲେ। ଏଥିସହ ବ୍ଲକ ଉପାଧ୍ୟକ୍ଷ ସୁଦର୍ଶନ ଶବର ଏବଂ ଡମ୍ବସରା ସରପଞ୍ଚ ସନ୍ତୋଷୀ ଶବର ପ୍ରମୁଖ ସାକ୍ଷୀଭାବେ ନିଜ ବୟାନ ରଖିଥିଲେ। ଏପରି ଉକ୍ତ ମାମଲାରେ ୩ ଜଣଙ୍କ ସାକ୍ଷ୍ୟ ଗ୍ରହଣ ହୋଇଥିଲା। ସୋମବାର ବିଡିଓଙ୍କ ବିରୋଧରେ କଗ୍ନିଜାନ୍ସ ପାଇଁ ଦିନ ଧାର୍ଯ୍ୟ ହେବା ସହ ରାୟ ପ୍ରକାଶ ପାଇବାର ଥିଲା। ପ୍ରକାଶଯୋଗ୍ୟ, ଡିସେମ୍ବର ୨ରେ ବ୍ଲକ ଅଧକ୍ଷା ୱାନ୍‌ସିସି ନଂ.୨୮/୨୨,ଦଫା ୫୦୦, ୫୦୩, ୫୦୬ କ୍ରମେ ଗୁଣପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ମାମଲା ଦାଖଲ କରିଥିଲେ। ଝିଲିଙ୍କ ଅଭିଯୋଗ କ୍ରମେ ଓକିଲ ଉମାଚରଣ ପଟ୍ଟନାୟକ ଏ ନେଇ କୋର୍ଟରେ ମାମଲା ରୁଜୁ କରିଥିଲେ। ଘଟଣା ନେଇ ଝିଲିଙ୍କ ଅଭିଯୋଗ ଥିଲା, ନଭେମ୍ବର ୨୯ରେ ଜନଶୁଣାଣି କାର୍ଯ୍ୟକ୍ରମ ପରେ ସେ ନିଜ କକ୍ଷରେ ବସିଥିଲେ। ବିଡିଓ ତାଙ୍କ କକ୍ଷକୁ ଅଚାନକ ଆସିଥିଲେ। ବ୍ଲକ ଉପାଧ୍ୟକ୍ଷ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହ ଆଲୋଚନା କରିବା ସମୟରେ ବିଡିଓ ତାଙ୍କ ନିକଟକୁ ଅଶିକ୍ଷିତ ଆଦିବାସୀ ମହିଳା, ତୁମର ବୁଦ୍ଧିଜ୍ଞାନ ନାହିଁ ବୋଲି କହି ଦୁର୍ବ୍ୟବହାର କରିଥିଲେ। ଏମିତିକି ବ୍ୟବହାର ଶିଖିନାହଁ, ଟଙ୍କା ଦେଇ ଭୋଟ କିଣିଛ ବୋଲି କହି ବିଡିଓ ଅପମାନ କରିଥିବା ଏବଂ ଯେମିତି କୁହାଯାଉଛି ଶୁଣ କହି ଅପମାନ କରିଥିବା ଏବଂ ଜୀବନ ପ୍ରତି ଭୟ ଥିବା ନେଇ ବ୍ଲକ ଅଧକ୍ଷା ହାଇକୋର୍ଟରେ ମାମଲା ଦାୟର କରିଥିବା ପିଟିସନରେ ଉଲ୍ଲେଖ ରହିଥିଲା।

## ସଂକ୍ଷେପରେ

### ୨ ଫେରାର ଅଭିଯୁକ୍ତ ଗିରଫ



ଡାବୁଗାଁ, ୯।୧ (ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ଅଞ୍ଚଳା ଗ୍ରାମରେ ଜମିବାଡିକୁ ନେଇ ଗଣ୍ଡଗୋଳ ଘଟଣାରେ ବାପ ପୁଅ ଗିରଫ ହୋଇଛନ୍ତି। ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଡାବୁଗାଁ ଥାନା ଅଧୀନ ଅଞ୍ଚଳା ଗ୍ରାମର ଡୁମର ଗୌଡ (୫୫) ଓ ପୁଅ ମନୁ ଗୌଡ (୩୮)। ଡୁମର ଗୌଡ଼ଙ୍କ ତାଙ୍କ ଭାଉଜ ଡାଳିମ୍ବଙ୍କ ସହ ବହୁ ଦିନ ଧରି ଜମିଜମା ନେଇ ଗଣ୍ଡଗୋଳ ଲାଗି ରହିଥିଲା। ଗତ ନଭେମ୍ବର ୯ ତାରିଖ ପୂର୍ବାହ୍ନରେ ୨ ପରିବାର ମଧରେ ପୁଣି ପାଟିତୁଣ୍ଡ ହୋଇଥିଲା। ଡୁମର ଓ ମନ ଏକ ମରଣାସ୍ତ୍ରରେ ଡାଳିମ୍ବଙ୍କୁ ଆକ୍ରମଣ କରିଥିଲେ। ଉକ୍ତ ଦିନ ଅପରାହ୍ନରେ ଡାଳିମ୍ବଙ୍କ ଝିଅ ହେବତି ଡୁମର ଓ ମନୁଙ୍କ ନାମରେ ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ସେହି ଅଭିଯୁକ୍ତମାନେ ଫେରାର ଥିଲେ। ପୋଲିସ ସୋମବାର ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ବୋଲି ଥାନା ସବ୍‌ଇନ୍ସପେକ୍ଟର ବିଜୁରାମ ବାଗ ସୂଚନା ଦେଇଛନ୍ତି।

### ପୃଥକ୍ ଦୁର୍ଘଟଣାରେ ୪ ଗୁରୁତର

ପାପଡ଼ାହାଣ୍ଡି,୯।୧(ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକର ପୃଥକ୍ ସ୍ଥାନରେ ସୋମବାର ବାଇକ ଦୁର୍ଘଟଣା ଘଟି ୪ଜଣ ଗୁରୁତର ହୋଇଛନ୍ତି। ସମସ୍ତଙ୍କୁ ପ୍ରଥମେ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଜିତୁ ହରିଜନ ଓ ହିମାଂଶୁ ହରିଜନ ଏକ ବାଇକ୍‌ରେ ବାବାଜୀଗୁଡ଼ାରୁ ଚନ୍ଦ୍ରପୁର ଯିବା ସମୟରେ ଚଢ଼େଇମାରୁଗୁଡ଼ା ଛକରେ ଏକ ଗଛରେ ପିଟିଦେଇଥିଲେ। ଘଟଣାସ୍ଥଳରେ ସେମାନେ ଗୁରୁତର ହୋଇପଡ଼ିଥିଲେ। ସେମାନଙ୍କୁ ପାପଡ଼ାହାଣ୍ଡି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଉମରକୋଟ ଭରଣ୍ଡୀ ଅଞ୍ଚଳ ଖୁଟୁଗୁଡ଼ାର ତୁଳାରାମ ନାୟକ ଓ ରାୟମତି ନାୟକ ଏକ ବାଇକରେ ଧର୍ମଗଡ଼ ଯିବା ସମୟରେ ନୀଳାଦ୍ରିଗୁଡ଼ା ନିକଟରେ ଏକ ଟ୍ରାକ୍ଟର ସେମାନଙ୍କୁ ଧକ୍କା ଦେଇଥିଲା। ସେମାନଙ୍କୁ ସ୍ଥାନୀୟ ପୋଲିସ ଉଦ୍ଧାରକରି ପାପଡ଼ାହାଣ୍ଡି ଡାକ୍ତରଖାନରେ ଭର୍ତ୍ତି କରିଛି।

### ନିରପେକ୍ଷ ଖବର ପରିବେଷଣକୁ ଗୁରୁତ୍ୱ



ଚନ୍ଦାହାଣ୍ଡି, ୯।୧(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ପ୍ରେସ୍ କ୍ଲବ ସଭାପତି ଦିଲୀପ କୁମାର ଦାସଙ୍କ ନେତୃତ୍ୱରେ ମୋହରା ପଞ୍ଚାୟତ ପୂଜାରୀଗୁଡ଼ାରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନିରପେକ୍ଷ ଖବର ପରିବେଷଣ, ଚନ୍ଦାହାଣ୍ଡି ବ୍ଲକବାସୀଙ୍କ ସୁଖ ଦୁଃଖ ସହ ଅଞ୍ଚଳର ବିଭିନ୍ନ ସମସ୍ୟା ଦିଗରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବାକୁ ଆଲୋଚନା କରାଯାଇଛି। ହଜିଯାଉଥିବା କଳା ସଂସ୍କୃତି ଏବଂ ଦର୍ଶନୀୟ ସ୍ଥାନକୁ ଲୋକଲୋଚନକୁ ଆଣିବାକୁ ସମସ୍ତେ ସଂକଳ୍ପ ନେଇଥିଲେ। ଚନ୍ଦାହାଣ୍ଡିର ବରିଷ୍ଠ ବ୍ୟବସାୟୀ ମହମ୍ମଦ ହନିଫ ସମସ୍ତ ଖବରଦାତାଙ୍କୁ ଡାଏରି ପ୍ରଦାନ କରିଥିଲେ। ଏହି ଅବସରରେ ସଂଘ ସମ୍ପାଦକ ତଥା ବରିଷ୍ଠ ଖବରଦାତା ମୁକୁନ୍ଦ ବେଶ୍ରା, ମହମ୍ମଦ ହୁସେନ, ବାସୁଦେବ ସୁନା, ସଂଗ୍ରାମ କେଶରୀ ସାହୁ, ଦିବ୍ୟରଞ୍ଜନ ମହାପାତ୍ର, ଶ୍ୟାମସୁନ୍ଦର ସୁନାନୀ, ହିମାଂଶୁ ରଞ୍ଜନ ଦାସ, କାମିନୀ ରଞ୍ଜନ ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ।

## ଅଭିଯୋଗ ଶୁଣାଣିବେଳେ ଆତ୍ମହତ୍ୟା ପାଇଁ ଆସିଲେ ବୃଦ୍ଧ ଦମ୍ପତି

ରାୟଗଡ଼ା,୯।୧(ସ୍ୱ.ପ୍ର.)

ବାରମ୍ବାର ବିଭିନ୍ନ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ ନିଜ ଜମି ବାବଦକୁ କମ୍ପାନୀ ପକ୍ଷରୁ କ୍ଷତିପୂରଣ ମିଳୁନାହିଁ। ଶେଷରେ ବାଧହୋଇ ସୋମବାର ଅଭିଯୋଗ ଶୁଣାଣି ସମୟରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଆତ୍ମହତ୍ୟା କରିବାକୁ ପହଞ୍ଚିଥିଲେ ବୃଦ୍ଧ ଦମ୍ପତି। ତେବେ ଜିଲାପାଳଙ୍କ ସହ ଦମ୍ପତିଙ୍କ ସାକ୍ଷାତ ହୋଇପାରି ନ ଥିବାବେଳେ ପୋଲିସ ସେମାନଙ୍କୁ ଅଟକାଇ ଡାକ୍ତରଖାନା ନେଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ଘରକୁ ପଠାଇ ଦେଇଛି।

ସୂଚନାଯୋଗ୍ୟ, ଦମ୍ପତି ଗତ ୪ ତାରିଖରେ ମଧ୍ୟ ନିଜ ଅଭିଯୋଗ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଅନଶନରେ ବସିଥିଲେ। ସେହିଦିନ ମଧ୍ୟ ପୋଲିସ ସେମାନଙ୍କୁ ଉଠାଇ ନେଇ ଡାକ୍ତରଖାନାରେ ସ୍ୱାସ୍ଥ୍ୟ ଯାଞ୍ଚ କରାଇ ଘରକୁ ପଠାଇ ଦେଇଥିଲା। ଦମ୍ପତିଙ୍କ ଅଭିଯୋଗ ହେଲା, ଉତ୍କଳ ଆଲୁମିନା କମ୍ପାନୀ କାରଖାନା ନିମନ୍ତେ ଜମି ଅଧିଗ୍ରହଣ ସମୟରେ ତାଙ୍କର ୨୪ ସେଣ୍ଟ ଜମି ନେଇଥିଲା। ତେବେ ୨୪ ସେଣ୍ଟ ଜମି ବାବଦକୁ କ୍ଷତିପୂରଣ ଦେଇ କମ୍ପାନୀ ୪୦ ସେଣ୍ଟ ଜମି ଅକ୍ତିଆର କରିଥିଲା। ବଳକା ୧୬ ସେଣ୍ଟ ଜମି ବାବଦକୁ କମ୍ପାନୀ କ୍ଷତିପୂରଣ ପ୍ରଦାନ କରୁନାହିଁ।



ଆତ୍ମହତ୍ୟା କରିବାକୁ ଆସିଥିବା ଦମ୍ପତି।

- ପୋଲିସ ଉଠାଇ ନେଇ ଘରକୁ ପଠାଇଦେଲା
- ୧୬ ସେଣ୍ଟ ଜମିର କ୍ଷତିପୂରଣ ଦାବି
- ବାରମ୍ବାର ଦୌଡ଼ି ନିରାଶ

ଏ ନେଇ ବାରମ୍ବାର ଅଭିଯୋଗ କରି ମଧ୍ୟ ଦମ୍ପତି ସୁଫଳ ପାଇନାହାନ୍ତି। ଫଳରେ ଏଭଳି ଚରମ ନିଷ୍ପତ୍ତି ନେଇଥିବା ସେମାନେ ଅଭିଯୋଗ କରିଛନ୍ତି। ଡିମୁଣ୍ଡି ମୌଜାରେ ସେମାନଙ୍କ ଜମି କମ୍ପାନୀ ଅକ୍ତିଆର କରିଛି। କାରଖାନା ତରଫରୁ ସେମାନଙ୍କ ଜମିରେ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ତେଣୁ ଜମି ବାବଦକୁ କ୍ଷତିପୂରଣ ଦିଆଯାଉ ବୋଲି ସେମାନେ ଦାବି କରିଛନ୍ତି। ତହସିଲ ଦ୍ୱାରା ଜମି ଡିମାର୍କେସନ ମଧ୍ୟ କରାଇଛନ୍ତି। ଏହାର ଖାତା ନଂ ହେଉଛି ୭୭/୨୪ ଏବଂ ପ୍ଲଟ ନଂ ହେଉଛି ୩୨୧/୭୪୩। ଡିମାର୍କେସନ ପରେ କାଶୀପୁର ତହସିଲଦାର ଠାରୁ ରାୟଗଡ଼ା ଜିଲାପାଳ ସମସ୍ତଙ୍କୁ ନିଜ ଗୁହାରି ଜଣାଇଥିଲେ ମଧ୍ୟ କେହି ସେମାନଙ୍କ କଥାକୁ ଗୁରୁତ୍ୱ ଦେଉ ନ ଥିବା କହିଛନ୍ତି।

## ଶକ୍ତି, ଭାରୋତ୍ତୋଳନରେ ମାଧବଙ୍କୁ ସ୍ୱର୍ଣ୍ଣ

**ବଂଶଧାରା ମହୋତ୍ସବ**

ଅମ୍ବାଦୋଳା, ୯।୧(ଡି.ଏନ୍.ଏ.)



ରାୟଗଡ଼ା ଜିଲା ଗୁଣପୁର ସହରରେ ବଂଶଧାରା ମହୋତ୍ସବ ଉପଲକ୍ଷେ ରାଜ୍ୟସ୍ତରୀୟ ଜଗଦୀଶ ସାହୁ ସ୍ମାରକୀ ଶକ୍ତି ଓ ଭାରୋତ୍ତଳନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶକ୍ତି ଉତ୍ତୋଳନ ଓ ଭାରୋତ୍ତଳନ କ୍ଷେତ୍ରରେ ଚାମ୍ପିୟନ ହୋଇ ଅମ୍ବାଦୋଳାର ମାଧବ ସୁନା(ମୀନ) ସ୍ୱର୍ଣ୍ଣ ଜିତିଛନ୍ତି। ଅମ୍ବାଦଳା ବଡ଼ସାହିର ମାୟାଧର ସୁନାଙ୍କ ସୁପୁତ୍ର ମାଧବ ୧୨୦କେଜି ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ରାଜ୍ୟ ତଥା ରାଜ୍ୟ ବାହାରେ ବିଭିନ୍ନ ଉରୋତ୍ତଳନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଆସୁଛନ୍ତି ମାଧବ। ପୂର୍ବରୁ ମଧ ଦିଲ୍ଲୀର ଗୁରୁଗ୍ରାମ, ଗୁଜରାଟର ସୁରଟ ଓ ଓଡ଼ିଶାର ଝାରସୁଗୁଡ଼ା ଭଳି ଅନେକ ସ୍ଥାନରେ କ୍ରୀଡ଼ା ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ହାସଲ କରି ସେ ପ୍ରଶଂସା ସାଉଁଟିଛନ୍ତି। କ୍ରୀଡ଼ା କ୍ଷେତ୍ରରେ ସୁଯୋଗ ସନ୍ଧାନରେ ଥିବା ଏହି ଉଦ୍ୟମୀ ଯୁବକ ଟିଟିଲାଗଡ଼ ଠାରେ ତାଲିମ ନେଇ ପ୍ରୟାସ ଜାରି ରଖିଛନ୍ତି। ମାଧବଙ୍କ ଏହି ସଫଳତାରେ ଅଞ୍ଚଳରେ ପ୍ରଶଂସାର ସୁଅ ଛୁଟୁଛି।

## ଚଇତି ଉପଲକ୍ଷେ ବ୍ୟାଡମିଣ୍ଟନ, ସ୍ଲୋ ସାଇକେଲ ପ୍ରତିଯୋଗିତା

ରାୟଗଡ଼ା ଅଫିସ,୯।୧

ରାୟଗଡ଼ା ଜିଲାସ୍ତରୀୟ ଲୋକ ମହୋତ୍ସବ 'ଚଇତି ଓ ପଲ୍ଲିଶ୍ରୀ ମେଳା ପାଳନ ଉପଲେକ୍ଷ 'ଚଇତି' ସ୍ପୋର୍ଟ୍ସ ଫେଷ୍ଟିଭାଲ ଚାଲିଛି। ଏହି ଉପଲକ୍ଷେ ସ୍ଥାନୀୟ ଇନ୍‌ଡୋର ଷ୍ଟାଡିୟମ ଠାରେ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବୈଠକରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଉପଦେଷ୍ଟା ସୁଧୀର କୁମାର ଦାସ, ଜିଲାପାଳ ସ୍ୱଧା ଦେବ ସିଂ, ଏସ୍‌ପି ବିବେକାନନ୍ଦ ଶର୍ମା, ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଏହି ପ୍ରତିଯୋଗିତା ୧୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସେହିପରି ବାଳିକା ଉଚ୍ଚ ବିଦ୍ୟାଳୟ ପରିସର ପଡ଼ିଆରେ ସ୍ଲୋ ସାଇକେଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାୟଗଡ଼ା ପୌର ପରିଷଦ ଉପାଧକ୍ଷ ଶୁଭ୍ରା ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ାର ଶୁଭାରମ୍ଭ କରିଥିଲେ। ଡିଆଇପିଆର୍‌ଓ ବସନ୍ତ କୁମାର ପ୍ରଧାନ, ଜିଲା କ୍ରୀଡ଼ା ଅଧିକାରୀ ଶେଖ ଅଲିନୁର,ଏସ୍‌ଡିପିଓ ଦେବଜ୍ୟୋତି ଦାସ, ଡିଏସ୍‌ପି ସୁଶାନ୍ତ ତାଡ଼ଡ଼ିଆ, ଆଇଆଇସି ରଶ୍ମିରଞ୍ଜନ ପ୍ରଧାନଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। କ୍ରୀଡ଼ା ମହୋତ୍ସବରେ ସମସ୍ତ ବର୍ଗଙ୍କୁ ସ୍ଥାନ ଦିଆଯାଇ ସେମାନଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ପ୍ରତିଯୋଗିତା କରାଯାଉଛି।

## ରୋଗୀ କଲ୍ୟାଣ ସମିତି ବୈଠକ

ଗୁଣପୁର,୯।୧(ଡି.ଏନ୍.ଏ.)

ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ କଲ୍ୟାଣ ସମିତିର ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ରୋଗୀ କଲ୍ୟାଣ ସମିତିର ଅଧ୍ୟକ୍ଷ ତଥା ଗୁଣପୁର ଉପ ଜିଲାପାଳ ଲଳିତ କୁମାର କହଁର କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୁଣପୁର ପୌର ପରିଷଦର ଅଧକ୍ଷା ମମତା ଗୌଡ଼, ବ୍ଲକ ଅଧକ୍ଷା ଝିଲି ଶବର, ବିଡିଓ ଶାନ୍ତିପ୍ରଭା ପ୍ରଧାନ ଏବଂ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡା. ରମେଶ ଚନ୍ଦ୍ର ସାହୁ ପ୍ରମୁଖ ମଞ୍ଚାସିନ ଥିଲେ। ୧୮ ଡାକ୍ତର ରହିବା ବଦଳରେ ଏବେ ୪ ଜଣ ଡାକ୍ତର ଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ତେଣୁ ଅଧିକ ଡାକ୍ତର ନିଯୁକ୍ତି ନିମନ୍ତେ ଜିଲାପାଳ ଏବଂ ସିଡିଏମ୍‌ଓଙ୍କୁ ଏନେଇ ଦୃଷ୍ଟି ଆକର୍ଷଣ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏଥିସହ ଦୁଇଟି ଏସି କ୍ୟାବିନ କରିବା, କେବିଡ୍ ଆମ୍ବୁଲାନ୍ସକୁ ସାଧାରଣ ଆମ୍ବୁଲାନ୍ସରେ ପରିଣତ କରିବା, ୧୨୦ ଶଯ୍ୟା ବିଶିଷ୍ଟ ନୂତନ କୋଠା ନିର୍ମାଣ ଦିଗରେ ପଦକ୍ଷେପ ନେବା, ଭିତ୍ତିଭୂମି ବିକାଶ ସହ ଅକ୍ସିଜେନ ପ୍ଲାଣ୍ଟକୁ କାର୍ଯ୍ୟକ୍ଷମ କରିବା, ମାଗଣାରେ ମୃତଦେହ ବାହାକ ଗାଡ଼ି ଆଦି ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରର ପରିଚାଳକ ଜିତେନ୍ଦ୍ର ତ୍ରିପାଠୀଙ୍କ ପରିଚାଳନାରେହୋଇଥିବା ବୈଠକରେ ରୋଗୀ କଲ୍ୟାଣ ସମିତିର ସଦସ୍ୟଭାବେ ପୌର ପରିଷଦର ଉପାଧକ୍ଷ ଶିବ ପ୍ରସାଦ ଗୌଡ଼, ଡ. ଚନ୍ଦ୍ରଧ୍ୱଜ ପଣ୍ଡା, ଅକ୍ଷୟ ଦାସ, ଦେବେନ୍ଦ୍ର ଚୌଧୁରି, ଡ.ସୁଜାତା ଦେବୀଙ୍କ ସମେତ ସ୍ୱାସ୍ଥ୍ୟକେନ୍ଦ୍ରର ସୂର୍ଯ୍ୟ ନାରାୟଣ ପଣ୍ଡା, ରାଜେଶ ପାତ୍ରଙ୍କ ସମେତ ଅନ୍ୟ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ମୈଦଲପୁର ନୂତନ ଥାନା ଉଦ୍‌ଘାଟିତ

ମୈଦଲପୁର/ପାପଡ଼ାହାଣ୍ଡି, ୯।୧(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ମଇଦଲପୁରର ନୂତନ ଥାନାକୁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ଉଦ୍‌ଘାଟନ କରିଛନ୍ତି। ଉପସ୍ଥିତ ଜନ ସାଧାରଣଙ୍କୁ ଏ ନେଇ ସେ ଶୁଭେଚ୍ଛା ବାର୍ତ୍ତା ଦେଇଥିଲେ। ଏସ୍‌ପି.ଏସ୍.ସୁଶ୍ରୀଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଡାବୁଗାଁ ବିଧାୟକ ମନହୋର ରନ୍ଧାରୀ, ପୂର୍ବତନ ଡାବୁଗାଁ ବିଧାୟକ ଭୁଜବଳ ମାଝି, ବ୍ଲକ ଅଧକ୍ଷା ହେମଲତା ମାଝି, ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରା, ଜିଲା ପରିଷଦ ସଭ୍ୟା ଡା. ଲିପିକା ମାଝି, ମଇଦଲପୁର ସରପଞ୍ଚ ଚନ୍ଦ୍ରଶେଖର ମାଝି, ଉପଜିଲାପାଳ ଭାସ୍କର ରଇତ, ତହସିଲଦାର ଯୋଗେଶ୍ୱର ଭୋଇ, ବିଡିଓ ରଞ୍ଜିତା ମଲ୍ଲିକ, ଡିଏସପି ଚନ୍ଦ୍ରଶେଖର ହୋତା, ଡିଏସ୍‌ପି ବବିତା ତ୍ରିପାଠୀ, ପାପଡାହାଣ୍ଡି ଏସ୍‌ଡିପିଓ ଆଦିତ୍ୟ ସେନ, ଉମରକୋଟ ଏସ୍‌ଡିପିଓ ଶୁଭେନ୍ଦୁ ଶବର ପ୍ରମୁଖ ମଞ୍ଚାସୀନ ଥିଲେ। ପୂର୍ବରୁ ମଇଦଲପୁର ଫାଣ୍ଡି ଥିଲା, ଏବେଠାରୁ ଏହା ନୂତନ ଥାନା ହେଲା ବୋଲି ଏସ୍‌ପି କହିଥିଲେ। ମଇଦଲପୁର କଳାହାଣ୍ଡି ସୀମାନ୍ତ ଓ ଏହା ଘାଟି ଅଞ୍ଚଳ। ତେଣୁ ଏହି ଅଞ୍ଚଳରେ ଦୁର୍ଘଟଣା ଘଟିଲେ ଫାଣ୍ଡି କର୍ମଚାରୀ ଉଦ୍ଧାର କରି ଆଣୁଥିଲେ। ବର୍ତ୍ତମାନ ଥାନା କର୍ମଚାରୀ ସଂଖ୍ୟା ବଢ଼ିବାରୁ ଅପରାଧ କମିବା ସହ ଅଞ୍ଚଳର ଉନ୍ନତି ହୋଇପାରିବ ବୋଲି ଏସ୍‌ପି କହିଛନ୍ତି। କାର୍ଯ୍ୟକ୍ରମରେ ପାପଡ଼ାହାଣ୍ଡି ଥାନାଧିକାରୀ ରାମେଶ୍ୱର ପ୍ରଧାନ, ତେନ୍ତୁଳିଖୁଣ୍ଟି ଥାନାଧିକାରୀ ଟଙ୍କଗିରି, ଝରିଗାଁ ଥାନାଧିକାରୀ ତପନ ପତି, ଡାବୁଗାଁ ଥାନାଧକାରୀ ପ୍ରୋମଦ ନାୟକ, କୋଷାଗୁମଡ଼ା ଥାନାଧକାରୀ ପରମା ନନ୍ଦ ସୁନାନୀ, ନବରଙ୍ଗପୁର ଥାନାଧିକାରୀ ନରେଶ ପ୍ରଧାନ, କୋଡ଼ିଙ୍ଗା ଓଆଇସି ଅଭିମନ୍ୟୁ ଦୁର୍ଗା, ପାପଡ଼ାହାଣ୍ଡି ଏସ୍‌ଆଇ ଶିବାଜୀ ପଣ୍ଡା, ମୈଦଲପୁର ନୂତନ ଏସ୍‌ଆଇ ନଟବର ନନ୍ଦ, ଏଏସ୍‌ଆଇ ଡି. ଦେବୀ କୁମାର, ଏଏସ୍‌ଆଇ କମଳ ନାୟକ ଓ ମଇଦଲପୁର ଥାନା ଓ ପାପଡାହାଣ୍ଡି ଥାନା କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।



ଥାନା ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥିମାନେ।

## ଜିଲା ଯୁବ କଂଗ୍ରେସ କାର୍ଯ୍ୟକାରିଣୀ ବୈଠକ

ଡାବୁଗାଁ, ୯।୧ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରସ୍ଥିତ ଶ୍ରୀନିବାସ କଲ୍ୟାଣୀ ମଣ୍ଡପରେ ଜିଲା ଯୁବ କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ ଓ ନବବର୍ଷ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ନୂତନ କାର୍ଯ୍ୟକର୍ତ୍ତାଙ୍କୁ ପୁଷ୍ପମାଲ୍ୟ ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ପରେ ବିଭିନ୍ନ ଦଳରୁ ଚେତମନ ମାଝି, ଭୀମ ସାନ୍ତା ଓ ରବିସିଂ ଗଣ୍ଡ ପ୍ରମୁଖ କଂଗ୍ରେସରେ ମିଶିଥିଲେ। ଯୁବ କଂଗ୍ରେସ ସୁସଙ୍ଗଠିତ ହେଲେ ଦଳର ପୂର୍ବ ଗୌରବ ଫେରି ଆସିବ ବୋଲି ଅବିଭକ୍ତ କୋରାପୁଟ ଜିଲାର ଯୁବ କଂଗ୍ରେସ ନେତା ଭଗବାନ ବାହିନୀପତି କହିଥିଲେ। ବିଜେଡି ଓ ଭାଜପା ସରକାରଙ୍କୁ ଗାଦିଚ୍ୟୁତ କରିବାକୁ ହେଲେ ଯୁବ କଂଗ୍ରେସକୁ ପ୍ରମୁଖ ଭୂମିକା ନେବାକୁ ହେବ ବୋଲି ସେ କହିଥିଲେ। ଯୁବ କଂଗ୍ରେସକୁ ତୃଣମୂଳସ୍ତରରୁ ସଙ୍ଗଠିତ କରିବା, ରାଜ୍ୟ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କ ମିଶନ ୯ରୁ ୯୦ ଡାକରକୁ ସଫଳ କରିବାକୁ ଜିଲା ଯୁବ କଂଗ୍ରେସ ପ୍ରତିଶ୍ରୁତିବଦ୍ଧ ବୋଲି ଜିଲା ଯୁବ କଂଗ୍ରେସ ସଭାପତି ଦ୍ୱାରିକା ମହାପାତ୍ର କହିଥିଲେ। ଜିଲାଭିତ୍ତିକ ନିଯୁକ୍ତି, ଶିକ୍ଷିତ ବେକାରି ସମସ୍ୟା, ଦରଦାମ ବୃଦ୍ଧି ଓ ଭ୍ରଷ୍ଟାଚାରକୁ ମୁଖ୍ୟ ପ୍ରସଙ୍ଗ କରି ଯୁବ କଂଗ୍ରେସ ଆଗାମୀ ଦିନରେ ଆନ୍ଦୋଳନ କରିବ ବୋଲି ସେ କହିଥିଲେ। ଯୁବ କଂଗ୍ରେସକୁ ସମ୍ପୂର୍ଣ୍ଣ ସହଯୋଗ ରହିବ ଏବଂ ଜିଲାଭିତ୍ତିକ ନିଯୁକ୍ତି ନେଇ ଆନ୍ଦୋଳନ ଜୋରଦାର କରାଯିବ ବୋଲି ପାପଡାହାଣ୍ଡି ଜିଲାପରିଷଦ ସଭ୍ୟା ଡା. ଲିପିକା ମାଝି କହିଥିଲେ। ଏଥିରେ ଜିଲା କଂଗ୍ରେସ ସଭାପତି ମନୋରଞ୍ଜନ ତ୍ରିପାଠୀ, ଡାବୁଗାଁ ପୂର୍ବତନ ବିଧାୟକ ଭୁଜବଳ ମାଝି, ପିସିସି ସମ୍ପାଦକ କ୍ଷେମରାଜ ବାଘ, ବରିଷ୍ଠ ନେତା ଧରମ ସିଂ, ଡାବୁଗାଁ ବ୍ଲକ କଂଗ୍ରେସ ସଭାପତି ଜି. ସାଇ ରାଜୁ, ପ୍ରକାଶ ଚନ୍ଦ୍ର ପଣ୍ଡା, ବଂଶୀଧର ମାଝି, ସନରାଜ ଗଣ୍ଡ, ଦିଲ୍ଲୀପ ପ୍ରଧାନୀ, ଶଶୀଧର ମାଝି, ଅଜୟ ଚୌହାନ, ପ୍ରଦୀପ ଜେନା, ନିର୍ମଳ କଣ୍ଡପାନ, ଟି.କେ. ପ୍ରସାଦ ବିଷୋୟୀ, ପବିତ୍ର ମାଠିଆ, ବାବୁଲି ବାଗ, କୌନ ନାୟକ, ଯୋଗେଶ୍ୱର ପୂଜାରୀ, ଦମୟନ୍ତୀ ଦିଶାରୀ, ଧର୍ନୁଜୟ ବିଷୋଇ, ଉଆଁସ ମାଝି, ପ୍ରହଲ୍ଲାଦ ହିଆଲ, ପ୍ରଦୀପ ସାହୁ, ନୁରେନ ତନ୍ତୀ, ସୁରଜ ଲାଲ ପ୍ରମୁଖଙ୍କ ସମେତ ୧୦ ବ୍ଲକର ଯୁବ ସଭାପତି ଓ କର୍ମୀମାନେ ଉପସ୍ଥିତ ଥିଲେ।

## ମଦ ଚାଲାଣ ବେଳେ ଜଣେ ଗିରଫ

ଜୟପୁର, ୯।୧ (ନି.ପ୍ର.)–

ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ବିଭାଗ କଳାଗୁଡାର ରାଜେଶ ହିଆଲଙ୍କୁ ଗିରଫ କରିଛି। ରାଜେଶ ମଦ ଧରି ଆସୁଥିବା ସୂଚନା ପାଇ ଅବକାରୀ କର୍ମଚାରୀ ତାଙ୍କୁ ପାରାବେଡା ଟ୍ରାଫିକ ଛକ ନିକଟରେ ଧରିଥିଲେ। ତାଙ୍କଠାରୁ ୩୬ ଲିଟର ମଦ ଜବତ କରାଯାଇଥିବା ଓଆଇସି ସଞ୍ଜୟ କାଣ୍ଡି କହିଛନ୍ତି।

## କର୍ମୀଙ୍କୁ ନେଇ ପ୍ରସ୍ତୁତ ହେବ ୨୦୨୪ ନିର୍ବାଚନ ରୋଡ୍‌ମ୍ୟାପ

**ବିଜେଡି ପ୍ରତିଷ୍ଠା ଦିବସ ପାଳିତ**

ଉମରକୋଟ, ୯।୧(ଡି.ଏନ୍.ଏ.)

ଉମରକୋଟ ବ୍ଲକ କାରାଗାଁ ପଞ୍ଚାୟତର ଜିରାଗୁଡାରେ ବିଜେଡିର ୨୬ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି ଯୋଗ ଦେଇଥିଲେ। ରାଜ୍ୟ ବାସୀଙ୍କ ଲାଗି ସରକାର ବ୍ୟାପକ ଯୋଜନା କରିଛନ୍ତି ତାହାର ପରିଣାମ ସ୍ୱରୂପ ଦଳ ଆଗକୁ ବଢ଼ି ଚାଲିଛି ବୋଲି ସେ କହିଥିଲେ। ସରକାରଙ୍କ ଯୋଜନା ଘରେ ଘରେ ପହଞ୍ଚିଛି ବୋଲି ନବରଙ୍ଗପୁର ଜିଲା ପର୍ଯ୍ୟବେକ୍ଷକ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ ସମ୍ମାନିତ ଅତିଥିଭାବେ ଯୋଗଦେଇ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧକ୍ଷ ମତିରାମ ନାୟକ, ଝରିଗାଁ ବିଧାୟକ ପ୍ରକାଶ ମାଝି, ପୂର୍ବତନ ଏମ୍‌ପି ପ୍ରଦୀପ ମାଝି, ମହିଳା ସଭାନେତ୍ରୀ ମଞ୍ଜୁଳା ମାଝି ଯୋଗଦେଇ ଥିଲେ। ୨୦୨୪ ନିର୍ବାଚନ ପାଇଁ କର୍ମୀମାନଙ୍କୁ ନେଇ ରୋଡମ୍ୟାପ କରାଯିବ ବୋଲି ଅତିଥିମାନେ କହିଥିଲେ। ଏମ୍‌ପିଙ୍କ ପ୍ରତିନିଧି ବୁଲୁ ଦାସ ସଭା ପରିଚାଳନା କରିଥିଲେ। ବ୍ଲକ ସଭାପତି ଅଜିତ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ଉମରକୋଟ ବ୍ଲକ ଅଧକ୍ଷା, ଝରିଗାଁ ବ୍ଲକ ଅଧକ୍ଷ ଦୁର୍ଗା ମାଝି, ଉମରକୋଟ ବ୍ଲକ ଉପାଧକ୍ଷ ଶ୍ୟାମଲାଲ ସରକାର, ଜିଲା ପରିଷଦ ସଭ୍ୟ ଚନ୍ଦନ ରାୟ, ଡାଳିମ୍ବ ଭତ୍ରା, ସମସ୍ତ ସରପଞ୍ଚ ସମିତି ସଭ୍ୟ, କାଉନସିଲର, ଝରିଗାଁ ଓ ଚନ୍ଦାହାଣ୍ଡି ବ୍ଲକ ବିଜେଡି ସଭାପତି ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ପ୍ରତିଷ୍ଠା ଦିବସ ପାଳନ ଅବସରରେ ବିଜେଡି ନେତା ଓ କର୍ମୀମାନେ।

## ୪୩୫ ଛାତ୍ରୀଛାତ୍ରଙ୍କୁ ନେଇ ଜିଲାସ୍ତରୀୟ ଦୌଡ଼କୁଦ, ଖେଳ ପ୍ରତିଯୋଗିତା

ପାପଡ଼ାହାଣ୍ଡି,୯।୧(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଦଳେଇଗୁଡ଼ା ଲାଲବାହାଦୁର ଉଚ୍ଚ ବିଦ୍ୟାଳୟ ମିନି ଷ୍ଟାଡିୟମରେ ଜିଲା ବିଦ୍ୟାଳୟ ସମୂହ ଦୌଡ଼କୁଦ ଓ ଖେଳ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ ଡ. କମଳ ଲୋଚନ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ଜିଲା ପରିଷଦ ଅଧକ୍ଷ ମୋତିରାମ ନାୟକ, ବ୍ଲକ ଅଧକ୍ଷା ହେମଲତା ମାଝି, ବ୍ଲକ ଉପାଧକ୍ଷ ସୁଶାନ୍ତ ବେହେରା, ଲାଲ ବାହାଦୁର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ ବିଷୋୟୀ, ଆଇନଜୀବୀ ସ୍ୱାଧୀନ ପଟ୍ଟନାୟକ, ଡାବୁଗାଁ ବିଧାୟକ ପ୍ରତିନିଧି ପ୍ରହଲ୍ଲାଦ ଅଗ୍ରୱାଲ ପ୍ରମୁଖ ମଞ୍ଚାସୀନ ଥିଲେ। ଛାତ୍ରୀଛାତ୍ରଙ୍କ ଶୋଭାଯାତ୍ରାରେ ଆଣିଥିବା ମଶାଲକୁ ଅତିଥିମାନେ ଗ୍ରହଣ କରିଥିଲେ। ଜିଲାପାଳ ଖେଳ ପତାକା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ନବରଙ୍ଗପୁର ଜୁନିୟର ରେଡ୍‌କ୍ରସ୍ ସୋସାଇଟି ପକ୍ଷରୁ ପ୍ରାଥମିକ ଉପଚାର ଶିବିରକୁ ଜିଲାପାଳ ଉଦ୍‌ଘାଟନ କରି ମାସ୍କ ବାଣ୍ଟିଥିଲେ। ଜିଲାର ୪୩୫ ଛାତ୍ରୀଛାତ୍ର ଏହି ପ୍ରତିଯୋଗିତାରେ ଭାଗନେବେ। ୮୦ଜଣ ଖେଳ ପ୍ରଶିକ୍ଷକ ଉପସ୍ଥିତ ଅଛନ୍ତି। ଭଲିବଲ, ବ୍ୟାଡ୍‌ମିଣ୍ଟନ, ହ୍ୟାଣ୍ଡବଲ, ଖୋଖୋ, କବାଡ଼ି, ଦୌଡ଼, ଲମ୍ଫଡିଆଁ, ଉଚ୍ଚଡିଆଁ ଆଦି ବହୁ ଖେଳ ହେବ। ସୁନନ୍ଦିନୀ ତ୍ରିପାଠୀ ମଞ୍ଚ ପରିଚାଳନା କରିଥିବାବେଳେ ଆଇପି ବିଭାସ ଦେ, ଖେଳ ଶିକ୍ଷକ ପ୍ରଭାତ ପଟ୍ଟନାୟକ, ମନୋରଞ୍ଜନ ପ୍ରହରାଜ, କାଳିକିଙ୍କର ପଟ୍ଟନାୟକ, ଶେଖ ଯାଉଲ ହୁସେନ ପ୍ରମୁଖଙ୍କ ସହ ଶିକ୍ଷୟିତ୍ରୀ ଶିକ୍ଷକମାନେ ସହଯୋଗ କରିଥିଲେ।



କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥିମାନେ।

# ବାଜିଲା ମାଲ୍ୟବନ୍ତ ମହୋତ୍ସବ ବିଗୁଲ୍


ଆମ୍ବାକୁଣ୍ଡରୁ ଜଳ ଉଠାଯାଉଛି ।


ବଣ୍ଡା ଜନଜାତି ପକ୍ଷରୁ କରାଯାଉଥିବା ପାରମ୍ପରିକ ନୃତ୍ୟ ।


କଳସ ଶୋଭାଯାତ୍ରା ସହର ପରିକ୍ରମା କରୁଛି ।


ଜଗନ୍ନାଥ ମନ୍ଦିରରେ ରଖାଯାଇଥିବା ଜଳ କଳସ ।


ଭୈରବୀ ମନ୍ଦିରରେ କଳସକୁ ସ୍ୱାଗତ କରାଯାଉଛି ।


କଳାକାରମାନେ ପାରମ୍ପରିକ ସାନ୍ତାଳି ନୃତ୍ୟ ପରିବେଷଣ କରୁଛନ୍ତି ।

## ସଂକ୍ଷେପରେ

### ବୃଦ୍ଧଙ୍କୁ ହତ୍ୟା, ଜଣେ ଅଟକ

ବୋରିଗୁମ୍ମା,୯।୧(ଡିଏନ.ଏ.)-ବୋରିଗୁମ୍ମା ବ୍ଲକ ବି.ସିଂହପୁର ଥାନା ଅନ୍ତର୍ଗତ ଘାଟୁଆଲଗୁଡା ଗ୍ରାମରେ ରବିବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ବୃଦ୍ଧଙ୍କୁ ନିର୍ମମ ଭାବେ ପଥରରେ ଛେଚି ହତ୍ୟା କରାଯାଇଛି। ସେ ହେଲେ ଟିଲାମାଣ୍ଡି ଗ୍ରାମର ଧନିଆ ମୁଦୁଲି (୭୫)। ଖବରରୁ ଜଣାପଡିଛି ଧନିଆ କୌଣସି କାର୍ଯ୍ୟରେ ଘାଟୁଆଲଗୁଡା ଗ୍ରାମକୁ ଆସିଥିଲେ। ନିଜ କାର୍ଯ୍ୟ ସାରି ଟିଲାମାଣ୍ଡି ଗ୍ରାମକୁ ଫେରିବା ବେଳେ ତାଙ୍କର ପୂର୍ବରୁ ପରିଚୟ ଥିବା ପରଜା ପାତ୍ରପୁଟ ଗ୍ରାମର ଉଦୟ ବିଶୋୟୀ(୨୫) ଙ୍କ ସହ ଦେଖା ହୋଇଥିଲା। ପୂର୍ବ ଶତ୍ରୁତା ଯୋଗୁ ଉଦୟ ହଠାତ୍ ଧନିଆଙ୍କୁ ଆକ୍ରମଣ କରିବାରୁ ସେ ବିରୋଧ କରିବାକୁ ସୁଯୋଗ ପାଇ ନ ଥିଲେ। ତାଙ୍କୁ ପଥରରେ ଛେଚି ହତ୍ୟା କରିଥିଲେ। ଏନେଇ ଧନିଆଙ୍କ ପରିବାର ଲୋକେ ବି.ସିଂହପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ୫/୨୩ରେ ମାମଲା ରୁଜୁ କରି ସାଇଣ୍ଟିଫିକ ଟିମ ସହ ତଦନ୍ତ ଚଳାଇଛି। ତଦନ୍ତ ପରେ ହତ୍ୟା ଘଟଣାର କାରଣ ସ୍ପଷ୍ଟ ହେବ ବୋଲି ଏସ୍‌ଡିପିଓ ମଧୁସ୍ମିତା ମିଶ୍ର ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ହତ୍ୟାକାରୀ ଉଦୟଙ୍କୁ ଥାନାରେ ଅଟକ ରଖି ମାମଲାର ଅଧିକ ତଦନ୍ତ ଚାଲିଥିବା ଥାନା ଅଧିକାରୀ ସମ୍ବିଦ ସ୍ୱାଇଁ କହିଛନ୍ତି।

### ରଣା ସମାଜ ବିକାଶ ପରିଷଦର ବାର୍ଷିକ ଉତ୍ସବ

ବୈପାରିଗୁଡା,୯।୧ (ଡି.ଏନ୍.ଏ)-କୋରାପୁଟ ଜିଲା ବୈପାରିଗୁଡା ରଣା ସମାଜ ବିକାଶ ପରିଷଦର ବାର୍ଷିକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଗୁପ୍ତଚନ୍ଦ୍ର ନାୟକଙ୍କ ଅଧକ୍ଷତାରେ ହୋଇଥିବା ଏହି ଉତ୍ସବରେ ସେମିଳିଗୁଡା ବ୍ଲକର ସୋମନାଥ ସାଗ୍ରୀ ଓ ପଟାଙ୍ଗି ବ୍ଲକର ରବିନ୍ଦ୍ର ପଡାଲ ଯୋଗ ଦେଇଥିଲେ। ଉପସଭାପତି ଟଙ୍କଧର ଦଳେଇ, ସମ୍ପାଦକ କୁନୁ ପ୍ରଦାନି, ସହ ସମ୍ପାଦକ ଦୈତାରି ଦିଶାରୀ, ଉପଦେଷ୍ଟା ଗୋପୀନାଥ ଦଳେଇଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବୟୋଜ୍ୟେଷ୍ଠମାନଙ୍କୁ ସମ୍ମାନିତ କରାଯାଇଥିଲା। ପିଲାଙ୍କ ମଧ୍ୟରେ କ୍ରୀଡା ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଆମ୍ବାକୁଣ୍ଡରୁ ସଂଗ୍ରହ ହେଲା ଜଳ

■ କଳସ ଶୋଭାଯାତ୍ରାରେ ୧୦ ହଜାରରୁ ଊର୍ଦ୍ଧ୍ୱ ଜନସମାଗମ
■ ଶଙ୍ଖ ଧ୍ୱନି, ଆଦିବାସୀ ନୃତ୍ୟ, ହୁଳହୁଳିରେ କମ୍ପିଲା ଅଞ୍ଚଳ
■ ପୂଜାର୍ଚ୍ଚନା କରି ଜଗନ୍ନାଥ ମନ୍ଦିରରେ ରଖାଗଲା ଜଳକଳସ

ମାଲକାନଗିରି/ଖଇରପୁଟ/କୁଡୁମୁଲୁଗୁମ୍ମା,୯।୧(ଡି.ଏନ.ଏ.)

କରୋନା ମହାମାରୀ ପାଇଁ ଗତ ଦୁଇବର୍ଷ ଧରି ମାଲ୍ୟବନ୍ତ ମହୋତ୍ସବ ଅନୁଷ୍ଠିତ ହୋଇପାରି ନ ଥିବା ବେଳେ ଚଳିତ ବର୍ଷ ଏହି ମହୋତ୍ସବ ପାଇଁ ମାଲକାନଗିରି ଜିଲା ଉତ୍ସବ ମୁଖର ହୋଇଉଠିଛି। ସୋମବାର ମାଲ୍ୟବନ୍ତ ମହୋତ୍ସବ ଲାଗି ଖଇରପୁଟ ବ୍ଲକ ବଣ୍ଡାଘାଟିରେ ଥିବା ଆମ୍ବାକୁଣ୍ଡ ନଦୀରୁ ବିଧି ଅନୁଯାୟୀ ଜିଲାପାଳ ବିଶାଳ ସିଂଙ୍କ ଦ୍ୱାରା ପୂଜାର୍ଚ୍ଚନା ପରେ ପବିତ୍ର ଜଳ ସଂଗ୍ରହ କରାଯାଇଥିଲା। ହଜାର ହଜାର ଆଦିବାସୀ ଯୁବତୀ ଯୁବକ ନିଜର ପାରମ୍ପରିକ ବେଶ ପୋଷାକରେ ସଜେଇ ହୋଇ ଏହାକୁ ସ୍ୱାଗତ କରିଥିଲେ। ଶଙ୍ଖ, ହୁଳହୁଳି ଧ୍ୱନିରେ ସ୍ଥାନୀୟ ଅଞ୍ଚଳ ମୁଖରିତ ହୋଇ ଉଠିଥିଲା। ବାଦ୍ୟ ଓ ନୃତ୍ୟର ତାଳେ ତାଳେ ଆଦିବାସୀ ମହିଳା ପୁରୁଷ ଏକ ବିରାଟ ଶୋଭାଯାତ୍ରାରେ ଆମ୍ବାକୁଣ୍ଡ ନଦୀ ନିକଟସ୍ଥ ଦାମଳଦେଈ ମନ୍ଦିରଠାରୁ ବାହାରି ଖଇରପୁଟ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ପହଞ୍ଚିଥିଲେ। ସେଠାରେ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ପୂର୍ବତନ ବିଧାୟକ ଡମ୍ବରୁ ଶିଶା, ଆରକ୍ଷୀ ଅଧୀକ୍ଷକ ବଳଭଦ୍ର ଦୀପ, ଖଇରପୁଟ ପଞ୍ଚାୟତ ସମିତି ଅଧକ୍ଷ ବିଘ୍ନ କିର୍ସାନୀ, ଉପାଧକ୍ଷ ସାବିତ୍ରୀ ମୁଦୁଲି, ବିଡିଓ ହୃଦାନନ୍ଦ ସାହୁ, ଜିଲା ସଂସ୍କୃତି ଅଧିକାରୀ ଶୁକ୍ରୁ ସ୍ୱାଇଁ, ଖଇରପୁଟ ତହସିଲଦାର, ମୁଦୁଲିପଡା ଥାନା ଅଧିକାରୀଙ୍କ ସହ ଅନ୍ୟମାନେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ବିଦ୍ୟାଳୟ ଖେଳପଡିଆରେ ଖଇରପୁଟ ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ବିଭିନ୍ନ ପାରମ୍ପରିକ ସାଂସ୍କୃତିକ ନୃତ୍ୟ, ସଙ୍ଗୀତ ଦଳ ଓ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସାଂସ୍କୃତିକ ନୃତ୍ୟ ମଧ୍ୟରେ ବଣ୍ଡା, କୋୟା, ଦିଦାୟୀ, ଦୁରୁଆ ନୃତ୍ୟ ବେଶ୍ ଆକର୍ଷଣୀୟ ଥିଲା। ଶୋଭାଯାତ୍ରା ମାଲକାନଗିରିରେ ପହଞ୍ଚିବା ପରେ ଜିଲା ସଦର ମହକୁମାସ୍ଥିତ ଭୈରବ ମନ୍ଦିରଠାରେ ପୌର ଅଧକ୍ଷ ମନୋଜ ବାରିକଙ୍କ ସହ ବହୁ ବୁଦ୍ଧିଜୀବୀ, ଛାତ୍ରୀଛାତ୍ର, ବିଭିନ୍ନ ବିଭାଗର ପଦାଧିକାରୀ, ସ୍ୱୟଂସହାୟକ ଗୋଷ୍ଠୀ ମହିଳାମାନେ ଜଳ କଳସକୁ ସହର ପରିକ୍ରମା କରିଥିଲେ। ପରେ ସ୍ଥାନୀୟ ଜଗନ୍ନାଥ ମନ୍ଦିରଠାରେ ପହଞ୍ଚି ପୂଜାର୍ଚ୍ଚନା ପରେ କଳସକୁ ପ୍ରତିଷ୍ଠା କରାଯାଇଛି। ଏହି କଳସକୁ ଆସନ୍ତା ୧୫ ତାରିଖରେ ଏକ ଶୋଭାଯାତ୍ରାରେ ନିଆଯାଇ ମାଲ୍ୟବନ୍ତ ମଞ୍ଚରେ ପ୍ରତିଷ୍ଠା କରାଯିବ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ, ଉପ ଜିଲାପାଳ ଅକ୍ଷୟ ଖେମୁଣ୍ଡୁ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ତ୍ରିନାଥ ମାଝି, ବିଡିଓ ଅଜୟ ପ୍ରଧାନ, ତହସିଲଦାର ଚନ୍ଦନ ଭୋଇ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝି ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଆସନ୍ତା ୧୫ରୁ ୧୯ ପର୍ଯ୍ୟନ୍ତ ଜିଲାସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଅନୁଷ୍ଠିତ ହେବ । ଖଇରପୁଟ ବିଡିଓ ସାହୁ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ଏହି ଅବସରରେ ମଧ୍ୟ ବ୍ଲକସ୍ତରୀୟ ମାଲ୍ୟବନ୍ତ ଉତ୍ସବ ଅନୁଷ୍ଠିତ ହୋଇଥିଲା ।

## ପ୍ରେସ୍ କ୍ଲବର ବନ୍ଧୁମିଳନ

ବୋରିଗୁମ୍ମା,୯।୧(ଡିଏନ.ଏ.)

ବୋରିଗୁମ୍ମା ପ୍ରେସ୍ କ୍ଲବ ପକ୍ଷରୁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି ବିଜୟ ନାରାୟଣ ସାହୁଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଲାଲୁ ଷଡ଼ଙ୍ଗୀ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଲୋକଙ୍କ ବିଭିନ୍ନ ସମସ୍ୟାର ସମାଧାନ କିପରି କରାଯିବ ସେନେଇ ସାମ୍ବାଦିକ ସଂଘ ସଭ୍ୟମାନେ ଆଲୋଚନା କରି ନିଜ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା କେ. ସାକିଲ ଦୋରା, ଉପସଭାପତି ରଞ୍ଜନ ମିଶ୍ର, ସମ୍ପାଦକ ଏନ. ଫିମ୍ପସ କୁମାର, ସହ ସମ୍ପାଦକ ସୁଶୀଲ ଷଡ଼ଙ୍ଗୀ, କୋଷାଧକ୍ଷ ମାନସ ହୋତା, ସୁକାନ୍ତ ମାଝି, ମାନସ ରଥ, ବିଘ୍ନରାଜ ଷଡ଼ଙ୍ଗୀ, ମୋହନ ଦୋରା, କୃତ୍ତିବାସ ନାୟକ, ଶଙ୍କର ମହାନ୍ତି, ବାପି ହୋତା, ପି. ଅନନ୍ତ ରାଓ, ସୁଜିତ ପଣ୍ଡା, ସରୋଜ ପାଣିଗ୍ରାହୀ, ଚିଣ୍ଟୁ ପଣ୍ଡା, ଗୋପାଳ ଡଙ୍ଗରି, ଅମରିତ ଖୋସଲା ପ୍ରମୁଖ ଉପସ୍ଥିତ ଥିଲେ।


ବନ୍ଧୁମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଖବରଦାତାମାନେ ।

## ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି


ଅଭିଯୋଗ ଶୁଣାଣି ବେଳେ ଉପସ୍ଥିତ ଅଧିକାରୀମାନେ ।

ଜୟପୁର, ୯।୧ (ନି.ପ୍ର.)

କୋରାପୁଟ ଜିଲା ଜୟପୁର ବ୍ଲକ ଅନ୍ତର୍ଗତ ଧନପୁରଠାରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଓ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଛି । ଏଥିରେ ବିଡିଓ ରାଜୀବ ଦାସ, ଏବିଡିଓ ମନୋଜ ନାୟକ, ସରପଞ୍ଚ, ସମିତିସଭ୍ୟା, କନିଷ୍ଠ ଯନ୍ତ୍ରୀ , ପିଇଓ, ଜିଆରଏସ୍ ସ୍ୱାସ୍ଥ୍ୟ ବିଭାଗ, ଆଇସିଡିଏସ ହର୍ଟିକଲଚର,କୃଷି ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ବିଭିନ୍ନ ମୌଳିକ ସମସ୍ୟା ନେଇ ଆସିଥିବା ଅଭିଯୋଗର ଶୁଣାଣି ହୋଇଥିଲା ।

## ଭାଜପା ରାଷ୍ଟ୍ରୀୟ ଉପ ସଭାପତିଙ୍କ କୋରାପୁଟ ଗସ୍ତ

ଜୟପୁର, ୯।୧ (ନି.ପ୍ର.)

ଭାଜପା ରାଷ୍ଟ୍ରୀୟ ଉପ ସଭାପତି ତଥା ପୂର୍ବତନ ଏମ୍‌ପି ବୈଜନ୍ତ ପଣ୍ଡା ସୋମବାର କୋରାପୁଟ ଜିଲା ଗସ୍ତ କରିଛନ୍ତି । ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ସେ ଜୟପୁର ଏୟାର ପୋର୍ଟରେ ପହଞ୍ଚିଥିଲେ । ସେଠାରେ ଜିଲା ସଭାପତି ସୁମନ୍ତ ପ୍ରଧାନ, ଭାଜପା ନେତା ଗୌତମ ସାମନ୍ତରାୟ ସହ ଉପସ୍ଥିତ କର୍ମୀମାନେ ତାଙ୍କୁ ସ୍ୱାଗତ କରଥିଲେ। ଉପର କୋଲାବ ଶିବ ମନ୍ଦିରରେ ମହାଦେଇପୁଟ ମଣ୍ଡଳର ପ୍ରବାସ ବୈଠକରେ ସେ ଯୋଗ ଦେଇଥିଲେ। ଫାମ୍ପୁଣି ଏବଂ ଜୟପୁର ନଗର ମଣ୍ଡଳ ସମିତି ବୈଠକରେ ଯୋଗ ଦେଇ କର୍ମୀଙ୍କୁ ଉତ୍ସାହିତ କରିଥିଲେ। କେନ୍ଦ୍ର ସରକାରଙ୍କ କାର୍ଯ୍ୟକାରୀ ହେଉଥିବା ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରିବାକୁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ।

## ଉପନିର୍ବାହୀଯନ୍ତ୍ରୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ମାଲକାନଗିରି,୯।୧(ଡି.ଏନ୍.ଏ.)–ମାଲକାନଗିରି ଜିଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ରାସ୍ତା ଓ ଗୃହ ନିର୍ମାଣ ବିଭାଗର ଉପନିର୍ବାହୀ ଯନ୍ତ୍ରୀ ଦୀନବନ୍ଧୁ ପାତ୍ରଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଜିଲା ସଦର ମହକୁମାସ୍ଥିତ ସଂଘ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂଘ ସଭାପତି ସୀମାଞ୍ଚଳ ପାଣିଗ୍ରାହୀ ଅଧକ୍ଷତା କରିଥିଲେ। ସମ୍ପାଦକ ରବିନ୍ଦ୍ର ମହାରଣା, ଉପଦେଷ୍ଟା ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ପୂର୍ବତନ ସଭାପତି ରଥିକାନ୍ତ ପାତ୍ରଙ୍କ ସହ ୫୦ରୁ ଊର୍ଦ୍ଧ୍ୱ ସଂଘ ସଦସ୍ୟ ଉପସ୍ଥିତ ଥିଲେ। ଉପନିର୍ବାହୀ ଯନ୍ତ୍ରୀ ପାତ୍ର ମାଲକାନଗିରି ଜିଲାରେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଜନସେବା, ସମସ୍ତଙ୍କ ସହ ସୁସମ୍ପର୍କ ପ୍ରତିଷ୍ଠା ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ନିଜକୁ ସାମିଲ କରିଥିଲେ। ଏହି ଅବସରରେ ତାଙ୍କୁ ଉପଢୌକନ ଏବଂ ଗୀତା ପ୍ରଦାନ କରାଯାଇଥିଲା।



ସଂଘ ସଦସ୍ୟଙ୍କ ଗହଣରେ ଅବସରପ୍ରାପ୍ତ ଉପନିର୍ବାହୀ ଯନ୍ତ୍ରୀ।

## ଭର୍ଚୁଆଲ ଦ୍ୱାରା ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ପଟ୍ଟାଙ୍ଗି,୯।୧(ଡି.ଏନ.ଏ.)–କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକର ପୁରାତନ ସୁଙ୍କି ଫାଣ୍ଡିକୁ ସୋମବାର ଥାନାର ମାନ୍ୟତା ମିଳିଛି। ଭର୍ଚୁଆଲ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ସମୟରେ ସୁଙ୍କି ଥାନା ପରିସରରେ ଦକ୍ଷିଣାଞ୍ଚଳ ଡିଆଇଜି ରାଜେଶ ପଣ୍ଡିତ, କୋରାପୁଟ ବିଧାୟକ ରଘୁରାମ ପଡାଲ, ପଟ୍ଟାଙ୍ଗି ବିଧାୟକ ପିତମ ପାଢୀ, ଏସ୍‌ପି ଅଭିନବ ସୋନକାର, ଜୟପୁର ଏସ୍‌ଡିପିଓ ହରିଶ ବି.ସି. ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଥାନା ଦ୍ୱାରା ଏଣିକି ସୁଙ୍କି ସମେତ ପେଟୁରୁ, ଅମ୍ପାବାଲି ଏବଂ ତଳଗୋଲୁରୁ ପଞ୍ଚାୟତର ଜନସାଧାରଣ ଉପକୃତ ହେବେ। ସେମାନେ ନିଜ ସମସ୍ୟା ସମ୍ପର୍କରେ ଥାନାର ଦ୍ୱାରସ୍ଥ ହୋଇ ନ୍ୟାୟ ପାଇପାରିବେ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଏଠାରେ ବର୍ତ୍ତମାନ ଜଣେ ଏସ୍‌ଆଇ,ଏଏସ୍‌ଆଇ, ୨ଜଣ କନଷ୍ଟେବଳ ରହିଛନ୍ତି। ଆଗକୁ ଅଧିକ କର୍ମଚାରୀ ନିଯୁକ୍ତ ହେବେ। ଏଠାରେ ଗୋଟିଏ ପ୍ଲାଟୁନ ଆଇଆରବି ଫୋର୍ସ ମଧ୍ୟ ରହିଛନ୍ତି । ୧୯୦୪ରେ ସୁଙ୍କିରେ ଏକ ବିଟ୍ ହାଉସ୍ ରୂପେ ସ୍ଥାପିତ ହୋଇଥିବା ଏହି ଫାଣ୍ଡି ପରବର୍ତ୍ତୀ ସମୟରେ ୧୯୪୨ରେ ଫାଣ୍ଡିର ମାନ୍ୟତା ପାଇଥିଲା। ଏବେ ଏହା ଥାନା ରୂପେ ପରିଣତ ହୋଇଛି । କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗି, ଜିଲା ପରିଷଦ ସଭ୍ୟ ଲଇଚନ ଗେମେଲ, ବିଡିଓ ସୌମ୍ୟ ସାର୍ଥକ ମିଶ୍ର, ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆ, ଆରଆଇ ସୁବାସ ନାୟକ, ସୁନାବେଡା ଏସ୍‌ଡିପିଓ ମନୋଜ ବେହେରାଙ୍କ ସମେତ ସୁନାବେଡା, ସେମିଳିଗୁଡା, ଦାମନଯୋଡି ଏବଂ ପଟ୍ଟାଙ୍ଗି ଥାନା ଅଧିକାରୀମାନେ ଉପସ୍ଥିତ ରହିଥିଲେ।


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

### ସୁଙ୍କି ଫାଣ୍ଡି ପାଇଲା ଥାନା ମାନ୍ୟତା

## ବିଜ୍ଞାନ ପ୍ରଦର୍ଶନୀ ଲୋକଲୋଚନକୁ ଆଣୁଛି ଲୁକ୍କାୟିତ ପ୍ରତିଭା

■ ଇନ୍‌ସ୍ପେୟାର ଯୋଜନାରେ ହୋଇଥିଲା ଜିଲାସ୍ତରୀୟ ପ୍ରଦର୍ଶନୀ
■ ୭୮ ପ୍ରକଳ୍ପ ପ୍ରଦର୍ଶନ କଲେ ଛାତ୍ରୀଛାତ୍ର

କୋରାପୁଟ,୯।୧(ସ୍ୱ.ପ୍ର.)

କେନ୍ଦ୍ର ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ପକ୍ଷରୁ ଇନ୍‌ସ୍ପେୟାର ଯୋଜନାରେ ସୋମବାର କୋରାପୁଟସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଦୁଇ ଦିନିଆ ଜିଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଛି। ୭୮ଟି ବିଜ୍ଞାନ ପ୍ରକଳ୍ପ ଛାତ୍ରୀଛାତ୍ରମାନେ ପ୍ରଦର୍ଶନ କରିଥିଲେ। ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏପରି ପ୍ରଦର୍ଶନୀ ଦ୍ୱାରା ଛାତ୍ରୀଛାତ୍ରମାନେ ବିଜ୍ଞାନ ଉପରେ ବିସ୍ତୃତ ଶିକ୍ଷା ପାଇପାରୁଛନ୍ତି। ସେମାନଙ୍କ ମଧ୍ୟରେ ଲୁକ୍କାୟିତ ଥିବା ବିଜ୍ଞାନ କୌଶଳ ଓ ପ୍ରତିଭାକୁ ଲୋକଲୋଚନକୁ ଆସିପାରୁଛି ବୋଲି ମୁଖ୍ୟ ଅତିଥି ପ୍ରକାଶ କରିଥିଲେ। କେନ୍ଦ୍ର ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ପକ୍ଷରୁ ଜିଲାର ୧୨୯ ଜଣ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ବିଜ୍ଞାନ ପ୍ରକଳ୍ପ ପ୍ରସ୍ତୁତ ପାଇଁ ୧୦ ହଜାର ଲେଖାଏ ଟଙ୍କା ପ୍ରୋତ୍ସାହନ ରାଶି ବିଦ୍ୟାଳୟ ମାଧ୍ୟମରେ ପୂର୍ବରୁ ପ୍ରଦାନ କରାଯାଇଥିଲା । ତେବେ ୧୨୯ଟି ପ୍ରକଳ୍ପ ବଦଳରେ ଉଦଘାଟନୀ ଦିବସରେ ୭୮ଟି ପ୍ରକଳ୍ପ ସାମିଲ ହୋଇଛି। ଜିଲା ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାହାକଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ କେନ୍ଦ୍ର ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗର ବରିଷ୍ଠ ପ୍ରକଳ୍ପ ସହାୟିକା ପି. ରୀତୁପୁର୍ଣ୍ଣା, କନଭେନର ଅନନ୍ତ ଦଳପତି, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଅର୍ପିତା ପ୍ରଧାନ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ପୁଷ୍ପାଞ୍ଜଳି ମହାକୁଡ ଏବଂ ଶିକ୍ଷୟିତ୍ରୀ ଶିକ୍ଷକମାନେ ପରିଚାଳନା କରିଥିଲେ।



ବିଜ୍ଞାନ ପ୍ରଦର୍ଶନୀରେ ଉପସ୍ଥିତ ଅତିଥି।

